# ପରିମଳ ସମ୍ବନ୍ଧୀୟ ତୃତୀୟ ଦକ୍ଷିଣ ଦେଶୀୟ ସମ୍ମିଳନୀ (ସାକୋସାନ୍)

## ସ୍ୱାସ୍ଥ୍ୟ ଓ ସମ୍ମାନ ପାଇଁ ପରିମଳ

## ନଭେମ୍ବର ୧୬-୨୧-୨୦୦୮, ବିଜ୍ଞାନ ଭବନ, ନୂଆଦିଲ୍ଲୀ, ଭାରତ

## ଦିଲ୍ଲୀ ଘୋଷଣା ପତ୍ର

ଆମେ ଆଫଗାନିସ୍ଥାନ, ବାଙ୍ଗଲାଦେଶ, ଭୂଟାନ୍, ଭାରତ, ମାଲଦିଭସ୍, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କାର ମୁଖ୍ୟ ପ୍ରତିନିଧି ଦଳ ପରିମଳ ସମ୍ବନ୍ଧୀୟ ତୃତୀୟ ଦକ୍ଷିଣ ଦେଶୀୟ ସମ୍ମିଳନୀ (ସାକୋସାନ୍) ନୂଆଦିଲ୍ଲୀରେ ନଭେମ୍ବର ୧୬ ରୁ ୨୧, ୨୦୦୮ ମଧ୍ୟରେ ଉପସ୍ଥିତ ଥିବା ମନ୍ତ୍ରୀ, ନିର୍ବାଚିତ ପ୍ରତିନିଧି, ସରକାରି ଅଧିକାରୀ, ପେସାଦାର ଅଧିକାରୀ ଅଧ୍ୟୟନରତ ବା ବିଦ୍ୟାଜଗତର ଗବେଷକ ଓ ଶିକ୍ଷକ ନାଗରିକ ସମାଜ, ଅଣସରକାରୀ ଅନୁଷ୍ଠାନ, ସମ୍ପ୍ରଦାୟ ବା ସମାଜ ଭିତିକ ଅନୁଷ୍ଠାନ, ବିକାଶର ଭାଗିଦାର ଏବଂ ଘରୋଇ କ୍ଷେତ୍ର :

୧. ପରିମଳ ବ୍ୟବସ୍ଥା ଓ ସୁରକ୍ଷିତ ପାନୀୟ ଜଳ ଏକ ସର୍ବନିମ୍ନ ଅଧିକାର ଅଟେ ତାହା ସ୍ୱୀକାର କରୁଛୁ ଏବଂ ଏହାକୁ ରାଷ୍ଟ୍ରୀୟ / ଜାତୀୟ ପ୍ରାଥମିକତା ହିସାବରେ ଦେଖୁଛୁ ।

୨. ପରିମଳ ଜନୀତ ଜାତୀୟ ତଥା ମିଲେନିୟମ ଡେଭଲମେଣ୍ଟ ଗୋଲସକୁ (ଏମ୍.ଡି.ଜି.) ଉପସ୍ଥିତ ସବୁ ଦକ୍ଷିଣ ଏସିଆ ଦେଶ ଗୁଡ଼ିକର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହାସଲ କରିବା ପାଇଁ ଆମର ପ୍ରତିଶ୍ରୁତିକୁ ସୁନିଶ୍ଚିତ କରୁଛୁ ।

୩. ଆମେ ଏହା ଉପରେ ଜୋର ଦଉଛୁକି ଆମ ଦେଶମାନଙ୍କର ଉଭୟ ଗ୍ରାମୀଣ ଓ ସହରରେ ବାସକରିଥିବା ସମ୍ପ୍ରଦାୟଙ୍କର ସମ୍ପୂର୍ଣ୍ଣ ଏବଂ ବଜାୟରତ ପରିମଳ ବ୍ୟବସ୍ଥା କେବଳ ସମ୍ଭବ ନୁହେଁ ବରଂ ଢାକାରେ ଅନୁଷ୍ଠିତ ସାକୋସାନ୍-୧ (୨୦୦୩) ଏବଂ ଇସଲାମବାଦରେ ଅନୁଷ୍ଠିତ ସାକୋସାନ୍-୨(୨୦୦୬)ରେ ଆମ ମାନଙ୍କ ଦ୍ୱାରା ରଖାଯାଇଥିବା ଏକ ପ୍ରମୁଖ ଲକ୍ଷ୍ୟଅଟେ ।

୪. ପରିମଳ ସମ୍ବନ୍ଧୀୟ ଆମର ଲକ୍ଷ୍ୟ ଏବଂ ସଫଳତାକୁ ଆଗେଇ ନବାପାଇଁ ଆମେ ନିମ୍ନଲିଖିତ ପ୍ରମୁଖ ସିଦ୍ଧାନ୍ତ ଏବଂବିଷୟ ବସ୍ତୁ ଉପରେ ଧ୍ୟାନ ଆକର୍ଷଣ କରୁଛୁ ଏବଂ ଆମେ କରିଥିବା ପ୍ରତିଶ୍ରୁତିକୁ ପୁଣି ମନେ ପକାଉଛୁ ଯାହା ଘରୋଇ ସ୍ଥାନୀୟ, ଉପଜାତୀୟ ଏବଂ ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେବେ ।

କ) ବର୍ତ୍ତମାନ ଭବିଷ୍ୟତ ପିଢି ପାଇଁ ଯେପରି ନିର୍ମଳ ପବନ, ମୃତ୍ତିକା ଏବଂ ସୁରକ୍ଷିତ ଜଳ ଯୁକ୍ତ ଏକ ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ।

ଖ) ସବୁ ସ୍ତରରେ ଭାଗିଦାର ବିଶେଷ କରି ଲୋକ ପ୍ରତିନିଧି ମାନଙ୍କ ଦ୍ୱାରା ସ୍ଥାନୀୟ ସମୁଦାୟ ଏବଂ ତୃଣମୁଳ ଦଳ କୁ ସାମିଲ୍ କରି ସମସ୍ତଙ୍କ ପାଇଁ ପରିମଳ ବ୍ୟବସ୍ଥାର ସୁବିଧା ଯୋଗାଇବା

ଗ) ପରିମଳ କୁ କେବଳ ଗଠନ ମୂଳକ ବା ଆର୍ଥିକ ଆହ୍ୱାନ ମନେ କରାନଯାଇ ଏହାକୁ ପାଇବା ପାଇଁ କାର୍ଯ୍ୟକାରୀ ନୀତି, ବ୍ୟବହାର ପରିବର୍ତ୍ତନ ପାଇଁ ବିତ୍ତୀୟ ଓ ସମୟ ବଦ୍ଧ ପ୍ରୋତ୍ସାହନ, ଧାର୍ମିକ ନେତା, ସମ୍ପ୍ରଦାୟ, ସ୍କୁଲପରି ବିଭିନ୍ନ ସଂସ୍ଥା, ସ୍ଥାନୀୟ ଶାସନ ବ୍ୟବସ୍ଥା ଏବଂ ସେବା ପ୍ରଦାନ କାରି ସଂସ୍ଥା ମାନଙ୍କର ଆବଶ୍ୟକତା ରହିବ । ଏହା ଛଡା ପ୍ରେରଣା ଦେବା, କାର୍ଯ୍ୟକାରୀ କରାଇବା ଓ ପର୍ଯ୍ୟବେକ୍ଷଣ କରିବା ପାଇଁ ତାଙ୍କର କ୍ଷମତା ଏବଂ କୈଫତଦେବା କୁ ସୁଦୃଢ଼ କରିବା ଆବଶ୍ୟକ ।

ଘ) ପରିମଳକୁ ଏକ ସମୟ ଚକ୍ରର ରୂପରେ ବୁଝାଇବାକୁ ହେବ ଯେଉଁଥିରେକି ଉପଯୁକ୍ତ ବ୍ୟବସ୍ଥା, ସୁରକ୍ଷିତ ପରିବହନ, ସୁରକ୍ଷିତ ନିଷ୍କାସନ ଅଥବା ତରଳ ଓ କଠିନ ବର୍ଜ୍ୟବସ୍ତୁର ପୁର୍ନଃଉପଯୋଗ ଏହିପରି ଉପାୟକୁ ଯୋଡିବା ଯେଉଁଥିରେ ଜମି ଏବଂ ଜଳ ସମ୍ପଦ ଉପରେ ବିପରୀତ ପ୍ରଭାବ ପଡେନାହିଁ ଏବଂ ଯେଉଁଥିରେ ସ୍ୱଚ୍ଛତା ସମ୍ବନ୍ଧୀୟ ବ୍ୟବହାର ମଧ୍ୟ ସାମିଲ ଥିବ ।

ଙ) ପରିମଳ ବ୍ୟବସ୍ଥା ଓ ସେବା ପାଇଁ ବିଭିନ୍ନ ନମୁନା ଉପଲବ୍ଧ ହେବା ଦରକାର ଯେଉଁଥିରେ ବିକଳ୍ପ ଥିବ । ସମସ୍ତଙ୍କୁ ମୌଳିକ ପରିମଳ ବ୍ୟବସ୍ଥା ଯୋଗାଇବା ପାଇଁ ବୈଷମ୍ୟ ଦୂରକରି ସମାନ ବଜେଟ୍ ନୀତି ଏବଂ ଲୋକ ମାନଙ୍କର ସକ୍ରିୟ ଯୋଗଦାନ, ଭାଗିଦାରୀ, ନିର୍ଣ୍ଣୟ ନେବା ଏବଂ ସମ୍ପ୍ରଦାୟର ମାଲିକାନା / ସ୍ୱତ୍ୱାଧିକାର ଦ୍ୱାରା ସୁନିଶ୍ଚିତ କରାଯାଇପାରିବ ।

ଚ) ଗରୀବ ଏବଂ କଷ୍ଟସାଧ୍ୟ ଅଞ୍ଚଳରେ ବସବାସ କରିଥିବା ଲୋକମାନଙ୍କ ପାଇଁ ପ୍ରୋତ୍ସାହନ ଏବଂ ସହାୟତା ପ୍ରଦାନ କରାଯିବ ।

ଛ) ମହିଳା ଏବଂ କଷ୍ଟରେ ରହୁଥିବା ସମୂହ ଯଥା, ଶିଶୁ ବିକାଷକରି ବାଳିକା, ଭିନ୍ନକ୍ଷମ ଏବଂ ବୃଦ୍ଧବ୍ୟକ୍ତି ମାନଙ୍କର ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବ । ନୂଆ ପ୍ରକାରର ବ୍ୟବସ୍ଥା ଯେପରିକି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କ୍ଷୁଦ୍ରଋଣକୁ ପ୍ରୋତ୍ସାହିତ କରିବା ।

ଜ) ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥାରୁ ପ୍ରପିଡିତ ପରିବାର ମାନଙ୍କୁ ଗୋଷ୍ଠୀଗଠନ କରିବା ପାଇଁ ପ୍ରୋତ୍ସାହିତ କରାଯିବା ସହ ସେମାନଙ୍କୁ ପରିମଳ ତଥା ଅନ୍ୟାନ୍ୟ ବିକାଶଶୀଳ କାର୍ଯ୍ୟକ୍ରମର ଉପଲବ୍ଧ କରାଇବାରେ ସାହାଯ୍ୟ କରିବା ।

ଝ) ମହିଳାମାନଙ୍କର ସ୍ୱଚ୍ଛତା ସମ୍ବନ୍ଧୀୟ ବିଶେଷ ଆବଶ୍ୟକତା, ମାସିକ ଧର୍ମ ପାଇଁ ଆବଶ୍ୟକ ସ୍ୱଚ୍ଛତାକୁ, ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା, ତଦାରଖ ଏବଂ କାର୍ଯ୍ୟକାରୀତାର ପରିଣାମ ମୂଲ୍ୟାଙ୍କନରେ ସାମିଲ କରିବା, ଗୋଷ୍ଠୀର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ପରିଚାଳନାରେ ମହିଳାମାନଙ୍କର ଭାଗୀଦାରୀକୁ ବୃଦ୍ଧି କରାଯିବ ।

ଞ) ସ୍କୁଲମାନଙ୍କରେ ପର୍ଯ୍ୟାପ୍ତ ପରିମଳ ବ୍ୟବସ୍ଥା ବଢାଇବା ପାଇଁ ଜୋର ଦିଆଯିବ ଉଦାହରଣ ସ୍ୱରୂପ : ପୁଅ ଝିଅଙ୍କ ପାଇଁ ପୃଥକ୍ ବ୍ୟବସ୍ଥା, ଯେଉଁଥିରେ ସୁରକ୍ଷିତ ପିଇବା ପାଣି ଏବଂ ଅନୁକୂଳ ସୁବିଧା ଥିବ । ସଠିକ୍ ସ୍ୱଚ୍ଛତା ବ୍ୟବହାର ଏବଂ ବିଭିନ୍ନ ସୁବିଧା ସ୍ଥାୟୀତ୍ୱ ରଖିବା ପାଇଁ ସ୍ୱଚ୍ଛତା ଶିକ୍ଷା, ସ୍କୁଲ ପାଠ୍ୟକର୍ମରେ ସାମିଲ କରାଯିବ ।

ଟ) କ୍ଷମତାବୃଦ୍ଧି ଉତ୍ତମ ଅଭ୍ୟାସର ଆଦାନ ପ୍ରଦାନ ଏବଂ ସ୍ୱତନ୍ତ୍ର ତଦାରଖ ପଦ୍ଧତିକୁ ବଢାଇବା ପାଇଁ ଦେଶମାନଙ୍କ ମଧ୍ୟରେ ସମ୍ବନ୍ଧକୁ ଦୃଢୀଭୂତ କରିବା ।

ଠ) ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ବାତାବରଣ ଏବଂ ସଠିକ୍ ସ୍ୱଚ୍ଛତା ବ୍ୟବହାର ବଢାଇବା ପାଇଁ ଗଣ ମାଧ୍ୟମ ଏବଂ ବ୍ୟବହାରିକ ପରିବର୍ତ୍ତନ ସଂଚାର ଏବଂ ତଥ୍ୟର ଆଦାନ ପ୍ରଦାନକୁ ଫଳପ୍ରଦ ଭାବେ ବିନିଯୋଗ କରିବା ।

ଡ) ସ୍ୱଚ୍ଛତା ସମ୍ବନ୍ଧୀୟ ଆବଶ୍ୟକତାକୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟ ସମ୍ବନ୍ଧୀୟ ନୀତିରେ ସମନ୍ୱିତ କରାଯିବ ଏବଂ ନୀୟମ ଗୁଡିକୁ ପ୍ରଭାବଶାଳୀ ଢଙ୍ଗରେ ଲାଗୁ କରାଯିବ ।

ଢ) ଯାନ୍ତ୍ରିକ କୌଶଳ ଆଦି ଯେଉଁଥିରେ କମ ପାଣି ଅଥବା ବିନା ପାଣି, ମାନବ ବିଷ୍ଠା କଠିନ ଓ ତରଳ ବର୍ଜ୍ୟବସ୍ତୁର ପୁନଃ ଉପଯୋଗ ଏବଂ ଏହାକୁ ଶକ୍ତିରେ ରୂପାନ୍ତର କରିବାକୁ ପ୍ରୋତ୍ସାହନ ଦିଆଯିବ ।

ଣ) ବେସରକାରୀ ସଂସ୍ଥା ଯଥା ପାଇଖାନା ଏବଂ ପରିମଳ ସମନ୍ଧୀୟ ସେବା ପ୍ରଦାନକାରୀ ସଂସ୍ଥା ସହ ସହଯୋଗକୁ ମଜଭୁତ କରି ପରିମଳ ବ୍ୟବସ୍ଥାର ବିକାଶ ପ୍ରଯୁକ୍ତି ଏବଂ ଯେଉଁ ଜିନିଷ ଉପଯୁକ୍ତ, କିଣିବାର ଯୋଗ୍ୟ ପରିବେଶ ଅନୁକୂଳ ଏବଂ ସହଜରେ ମିଳିପାରୁଥିବ ତାକୁ ଦୃଢିଭୁତ କରାଯିବ ।

ତ) ମାନବ ବିଷ୍ଠା, ଅନ୍ୟ ତରଳ ଓ କଠିନ ବର୍ଜବସ୍ତୁ ଯଥା ଚିକିତ୍ସାଗତ, ଉଦ୍ୟୋଗୀକ, ଏବଂ ବାଣିଜ୍ୟ ସମ୍ବନ୍ଧୀୟ ବର୍ଜ୍ୟବସ୍ତୁର ସୁରକ୍ଷିତ ଉପଚାର ଓ ନିଷ୍କାସନ ପାଇଁ ସହରମାନଙ୍କର ସମନ୍ୱିତ ସହର ପ୍ରସାରୀ ତରିକାକୁ ଗ୍ରହଣ କରାଯିବ ।

ଥ) ସମନ୍ୱିତ ସହର ପ୍ରସାରୀ (ସିଟି ୱାଇଡ୍) ପରିମଳ ଯୋଜନାର ଏକ ମହତ୍ୱପୂର୍ଣ୍ଣ ଭାଗ, ସହରରେ ରହୁଥିବା ଗରୀବ ବିଶେଷ କରି ବସ୍ତିରେ ରହୁଥିବା ପରିବାର ପାଇଁ ସୁରକ୍ଷିତ ପରିମଳ ବ୍ୟବସ୍ଥା ଉପଲବ୍ଧ କରିବାରେ ପ୍ରୋତ୍ସାହନ ଓ ସାହାଯ୍ୟ ପ୍ରଦାନ କରିବା ।

ଦ) ପରିମଳ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ମାନଙ୍କ କାର୍ଯ୍ୟକୁ ମାନ୍ୟତା ଦେବା ଏବଂ ସେମାନଙ୍କର ସମ୍ମାନକୁ ବଢାଇବାର ଉପାୟ କରାଯିବ ।

## କାର୍ଯ୍ୟପନ୍ଥା ଓ ପ୍ରତିଶ୍ରୁତି ବଦ୍ଧତା

ଏହି ଆନ୍ତର୍ଜାତିକ ପରିମଳ ବର୍ଷ ୨୦୦୮ ଆମ୍ଭେମାନେ ପରିମଳ ସମ୍ବନ୍ଧୀତ ଜାତୀୟ ଏବଂ ବିକାଶ ଲକ୍ଷ୍ୟକୁ ହାସଲ କରିବାକୁ ଏବଂ ନିମ୍ନଲିଖିତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପ୍ରତିଶ୍ରୁତି ବଦ୍ଧ ।

୧. ପରିମଳ ଦିଗରେ କରାଯାଉଥିବା ପ୍ରୟାସରେ ନିରନ୍ତରତା ଆଣିବାପାଇଁ ନୀତି, ବଜେଟ୍, ଆବଣ୍ଟନ, ମାନଙ୍କ ସଂସାଧନ, ବିକାଶ ଏବଂ କାର୍ଯ୍ୟକାରିତା, କ୍ଷେତ୍ରୀୟ, ରାଷ୍ଟ୍ରୀୟ, ଉପରାଷ୍ଟ୍ରୀୟ ଏବଂ ସ୍ଥାନୀୟ ସ୍ତରରେ ଆଡଭୋକେସି ଏବଂ ସଚେତନତାର କ୍ଷମତା ବୃଦ୍ଧି ।

୨. ସ୍ଥାୟୀ ପରିମଳ ସମାଧାନ ଆଣିବାରେ ସାମୁହିକ ପ୍ରଚେଷ୍ଟା ମଜଭୁତ କରିବା ଏବଂ ସ୍ଥାନୀୟ ଶାସନ, ଅଣସରକାରୀ ସଂସ୍ଥା, ଯୁବ ଏବଂ ସାମୁହିକ ଗୋଷ୍ଠୀ ମାନଙ୍କରେ କ୍ଷମତାକୁ ବୃଦ୍ଧି କରିବା ।

୩· ପରିମଳ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କର ବୃତ୍ତିଗତ ସମ୍ମାନ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା, କାର୍ଯ୍ୟ କରିବା ଅବସ୍ଥାରେ ଉନ୍ନତି ନିଶ୍ଚିତ କରାଇବା ।

୪· ପରିମଳକୁ ବିକାଶର ମାଧ୍ୟମ ରୂପେ ପ୍ରାଧାନ୍ୟ ଦେଇ ସମାଜର ସମସ୍ତ ବର୍ଗ ବିଶେଷ କରି ଶିଶୁ, ବାଳିକା, ନାରୀ, ବୃଦ୍ଧ ଏବଂ ଭିନ୍ନକ୍ଷମ ମାନଙ୍କର ସ୍ୱାସ୍ଥ୍ୟ ସମ୍ମାନ ସୁରକ୍ଷା ।

୫· କ୍ଷେତ୍ର, ମନ୍ତ୍ରାଳୟ / ବିଭାଗ, ସଂସ୍ଥାନ, ଅଧିକାର, କ୍ଷେତ୍ର (ନିଜସ୍ୱ, ପରିବାର, ସ୍କୁଲ, ଗୋଷ୍ଠୀ, ସର୍ବସାଧାରଣ ଏବଂ ସାମାଜିକ, ରାଜନୈତିକ ପ୍ରକ୍ରିୟା ଇତ୍ୟାଦିରେ ପରିମଳକୁ ମୁଖ୍ୟଧାରାରେ ଆଣିବା ଯଦ୍ୱାରାକି ପରିମଳ ସମସ୍ତଙ୍କ ଚିନ୍ତାର ବିଷୟ ହେବ ଏବଂ ନିତି ନିଜ କାର୍ଯ୍ୟକ୍ରମରେ ପରିମଳକୁ ଅଗ୍ରାଧିକାର ଦିଆଯିବ ।

୬· ଆପାତସ୍ଥିତ, ବିପର୍ଯ୍ୟୟ ସମୟ ଏବଂ ସ୍ୱତନ୍ତ୍ର ଭୌଗଳିକ କ୍ଷେତ୍ର ଏବଂ କ୍ଷଣସ୍ଥାୟୀ ବିସ୍ଥାପନ ଜନିତ ଗୋଷ୍ଠୀମାନଙ୍କ ଦୁର୍ଦ୍ଦଶା ମୁକାବିଲା ପାଇଁ ପଦ୍ଧତି, ଯାନ୍ତ୍ରିକ କୌଶଳ ଏବଂ ବ୍ୟବସ୍ଥା ଗଠନ ଏବଂ କାର୍ଯ୍ୟନ୍ୱିତ କରିବା ।

୭· ଦକ୍ଷିଣ ଏସିଆର ପରିମଳ ଅବସ୍ଥା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବର ମହତ୍ତ୍ୱ ଉପରେ ବିଶ୍ୱସ୍ତରରେ ଆଡଭୋକେସି କରିବା ଏବଂ ଏହାର କୁପ୍ରଭାବକୁ କମ୍ କରିବା ପାଇଁ ରଣନୀତି, ଯାନ୍ତ୍ରିକ କୌଶଳର ବିକାଶ ଏବଂ କାର୍ଯ୍ୟାନ୍ୱିତ କରିବା ।

୮· ସ୍ଥାନୀୟ ପରିସ୍ଥିତି ଆବଶ୍ୟକତା ଏବଂ ସମ୍ବଳ ଅନୁଯାୟୀ ପରିମଳ କାର୍ଯ୍ୟରେ ନମନୀୟତା, ବିକଳ୍ପ, ବ୍ୟବହାରିକ ସମାଧାନକୁ ସୁଯୋଗ ଦେବା ।

୯· ଅନୁସନ୍ଧାନ ଓ ବିକାଶ, ସହଯୋଗ, ନୂତନ ଅନୁଭବ, ଦକ୍ଷତାର ଆଦାନପ୍ରଦାନ, ଦେଶର କେନ୍ଦ୍ରବିନ୍ଦୁ ଦ୍ୱାରା ଗଠିତ ଏକ ଅନ୍ତଦେଶୀୟ କାର୍ଯ୍ୟକାରୀ ସମୂହ, ସମୟ ସମୟରେ ନିଜ ଭିତରେ ମିଶିବେ । ଜ୍ଞାନ ଏବଂ ତଥ୍ୟର ଆଦାନ ପ୍ରଦାନ ହେତୁ ରାଷ୍ଟ୍ରର ଅନ୍ତଃ ଦେଶୀୟ ଗୋଷ୍ଠୀ ଏବଂ ସଂସ୍ଥାର ଏକ ନେଟୱାର୍କ କରାଯିବ ଏବଂ

୧୦· ସହଯୋଗୀ ରାଷ୍ଟ୍ରମାନ ନିଜ ଦେଶରେ ୨୦୦୯-୨୦୧୧ ମଧ୍ୟରେ ରାଷ୍ଟ୍ରିୟ ପରିମଳ କାର୍ଯ୍ୟ ଯୋଜନାକୁ ଦକ୍ଷିଣଏସିୟ ପରିମଳ ଲକ୍ଷ୍ୟ ଦିଗଦର୍ଶକ ସୂଚକ ଅନୁଯାୟୀ ରୂପାନ୍ତରିତ କରିବା ।

ବିଗତ ତିନୋଟି ସାକୋସାନ ବୈଠକରୁ ମିଳିଥିବା ଗତିଶୀଳତାକୁ ବଜାଇ ରଖିବା ପାଇଁ ୨୦୧୦ ଓ ୨୦୧୨ରେ ଚତୁର୍ଥ ଏବଂ ପଞ୍ଚମ ସାକୋସାନ୍ ମିଟ ଶ୍ରୀଲଙ୍କା ଓ ନେପାଳରେ ଅନୁଷ୍ଠିତ ହେବ ।

ଏହି ତୃତୀୟ ଦକ୍ଷିଣ ଏସିୟ ପରିମଳ ବୈଠକର ଆବହନ କରିଥିବାରୁ ଆମ୍ଭେମାନେ ଭାରତର ନାଗରିକ ଏବଂ ସରକାରଙ୍କ ପ୍ରତି ଆଭାର ଓ ଧନ୍ୟବାଦ ବ୍ୟକ୍ତ କରୁଛୁ ।